


# ଚିରାଗଙ୍କୁ ପ୍ରେମରେ ପଡ଼ିଲେ ଏହି ଭୋଜପୁରୀ ଅଭିନେତ୍ରୀ





**ଲୋ**କ ଜନଶକ୍ତି ପାର୍ଟି (ରାମବିଳାସ)ର ମୁଖ୍ୟ ତଥା ହାଜିପୁରର ସାଂସଦ ଚିରାଗ ପାସୱାନ ଏବେ ଚର୍ଚ୍ଚାରେ ଅଛନ୍ତି। ନିକଟ ଅତୀତରେ ଲୋକସଭା ନିର୍ବାଚନ ହେତୁ ତାଙ୍କୁ ନେଇ ଅନେକ ଚର୍ଚ୍ଚା ସୃଷ୍ଟି ହୋଇଥିଲା। ନିର୍ବାଚନରେ ଜିତିବା ପରେ ସେ ବର୍ତ୍ତମାନ କେନ୍ଦ୍ର ମନ୍ତ୍ରୀ ମଧ୍ୟ ହୋଇଛନ୍ତି। ଚିରାଗ ପାସୱାନ ଏନଡିଏ ସରକାରରେ ସ୍ଥାନ ପାଇଛନ୍ତି। ସେ ମୋଦୀ ସରକାରରେ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ମନ୍ତ୍ରଣାଳୟର ଦାୟିତ୍ୱ ତୁଲାଉଛନ୍ତି। ରାଜନୀତି ବ୍ୟତୀତ, ଚିରାଗଙ୍କର ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ସ୍ୱୀକୃତି ରହିଛି। ଚିରାଗ ତାଙ୍କର ଭଦ୍ର ଆଚରଣ ଏବଂ ସୁନ୍ଦର ହସ ସହିତ ଲୋକଙ୍କ ହୃଦୟ ଜିତିଥାନ୍ତି। ବର୍ତ୍ତମାନ ଜଣେ ଅଭିନେତ୍ରୀ ମଧ୍ୟ ଚିରାଗଙ୍କୁ ଭଲ ପାଉଛନ୍ତି। ଲକ୍ଷ ଲକ୍ଷ ଲୋକଙ୍କ ପ୍ରିୟ ଚିରାଗ ପାସୱାନଙ୍କୁ ଭୋଜପୁରୀ ସିନେମାର ଜଣେ ଅଭିନେତ୍ରୀ ମଧ୍ୟ ବହୁତ ଭଲ ପାଉଛନ୍ତି। ଆଉ ଖୁଲମଖୁଲା ସେ ନିଜ ପ୍ରେମ ବିଷୟରେ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ଏହି ଅଭିନେତ୍ରୀଙ୍କ ନାମ ହେଉଛି ନିଶା ଦୁବେ। ନିକଟରେ ନିଶା ଦୁବେ ଚିରାଗଙ୍କ ପ୍ରତି ନିଜର ଭାବନା ପ୍ରକାଶ କରିଛନ୍ତି। ନିଶା ଦୁବେ ଚିରାଗ ପାସୱାନଙ୍କୁ ତାଙ୍କ କ୍ରସ୍ ବୋଲି ବର୍ଣ୍ଣନା କରିଛନ୍ତି। ଏହି ଅଭିନେତ୍ରୀ ଏଲଜେପି ନେତାଙ୍କୁ ସୁନ୍ଦର ବୋଲି ମଧ୍ୟ କହିଛନ୍ତି। ନିଶା ତାଙ୍କ ଇନଷ୍ଟାଗ୍ରାମ ଆକାଉଂଟରୁ ଏକ ଭିଡିଓ ପୋଷ୍ଟ କରିଛନ୍ତି। ଏହି ଭିଡିଓରେ ସେହି ମୁହୂର୍ତ୍ତଗୁଡିକ ମଧ୍ୟ ଦର୍ଶାଯାଇଛି ଯେତେବେଳେ ଚିରାଗ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରୁଥିଲେ। ଭିଡିଓ ପୋଷ୍ଟ କରିବାବେଳେ ନିଶା ଲେଖିଛନ୍ତି, (କ୍ରସ୍), ଏହି ଲୋକଟି ଏତେ ସୁନ୍ଦର କାହିଁକି" ନିଶା ଦୁବେ ଭୋଜପୁରୀ ସିନେମାର ଜଣେ ଜଣାଶୁଣା ଅଭିନେତ୍ରୀ। ଝାଡଖଣ୍ଡର ବାସିନ୍ଦା ନିଶା ଭୋଜପୁରୀ ଅଭିନେତା ଅରବିନ୍ଦ ଆକେଲା କାଲ୍ଲୁଙ୍କ ସହ ସମ୍ପର୍କକୁ ନେଇ କିଛି ଦିନ ତଳେ ଖବରରେ ଥିଲେ।



# ବିଶ୍ୱର ସବୁଠାରୁ ବୟସ୍କ ବିଲେଇ

**ସା**ମାଜିକ ଗଣମାଧ୍ୟମରେ ଏବେ ଏକ ବିଲେଇକୁ ନେଇ ଚର୍ଚ୍ଚା। ଏହାର କାରଣ ହେଉଛି ବିଲେଇର ବୟସ। ବିଲେଇକୁ ଏବେ ୨୯ ବର୍ଷ ବୟସ ଏବଂ ସେ ନିଜ ବୟସ ଯୋଗୁଁ ଗିନିଜ ୱାର୍ଲ୍ଡ ରେକର୍ଡରେ ନିଜ ନାଁ ପଞ୍ଜୀକୃତ କରିଛି। ସାଧାରଣତଃ ବିଲେଇମାନେ ପ୍ରାୟ ୧୩ରୁ ୧୫ ବର୍ଷ ବଞ୍ଚିଥାନ୍ତି କିନ୍ତୁ ଏହି ବିଲେଇ କ୍ଷେତ୍ରରେ ଓଲଟା ଘଟିଛି। କୁହାଯାଉଛି କି ଏହି ବିଲେଇ ବିଶ୍ୱର ସବୁଠାରୁ ବୟସ୍କ ବିଲେଇ। ଇଂଲଣ୍ଡରେ ରହୁଥିବା ଲେସଲି ଗ୍ରୀନହଫଙ୍କ ଅନୁସାରେ ତାଙ୍କ ବିଲେଇ ବିଶ୍ୱର ସବୁଠାରୁ ବୁଢ଼ୀ ବିଲେଇ। ତା ନାଁ ମିଲି। ମିଲି ୩ ମାସର ହୋଇଥିବାବେଳେ ଗ୍ରୀନହଫଙ୍କ ପତ୍ନୀ ତାକୁ ଘରକୁ ଆଣିଥିଲେ। ୧୯୯୫ରେ ମିଲି ଜନ୍ମ ଗ୍ରହଣ କରିଥିଲା। ସେ ଗ୍ରୀନହଫଙ୍କ ପରିବାର ସଦସ୍ୟ ଭଳି ପିଲାଦିନୁ ବଢିବା ଆରମ୍ଭ କରିବା କରିଥିଲା। ଏବେ ମିଲି ବିଶ୍ୱର ସବୁଠାରୁ ବୟସ୍କ ବିଲେଇ ଭାବେ ରେକର୍ଡ କରିଛି। ତେବେ ବୟସ ବଢିବା ସହିତ ତାର ଖେଳ କୁଦ ଧୀରେ ଧୀରେ ବନ୍ଦ ହେବାରେ ଲାଗିଛି। ଆଉ ସେ ଆଗ ଭଳି ସକ୍ରିୟ ନାହିଁ ଏବଂ ତା କାନକୁ ମଧ୍ୟ ଟିକେ କମ୍ ଶୁଭୁଛି।

# ଫ୍ୟାନକୁ କରିଦେଲେ କୁଲର

**ଗ**ରମରୁ ରକ୍ଷା ପାଇବା ପାଇଁ ଲୋକେ ଭିନ୍ନ ଭିନ୍ନ ଉପାୟ ଆପଣାଉଛନ୍ତି। ଆଉ ସାମାଜିକ ଗଣମାଧ୍ୟମରେ ଏହାର ଉଦାହରଣ ଦେଖିବାକୁ ମିଳୁଛି। ଏବେ ଏମିତି ଏକ ଭିଡିଓ ଭାଇରାଲ ହେଉଛି ଯେଉଁଥିରେ ଗୋଟିଏ ଫ୍ୟାନକୁ ଜଣେ ବ୍ୟକ୍ତି କୁଲରରେ ପରିଣତ କରିଦେଇଛନ୍ତି। ଅତ୍ୟଧିକ ଗରମ ହେବାରୁ ଫ୍ୟାନ୍ ମାଲିକ ସେଥିରେ କିଛି ନୂଆ ଯନ୍ତ୍ରାଂଶ ଖଞ୍ଜି କୁଲରରେ ବଦଳାଇଛନ୍ତି। ଭିଡିଓଟି ଏବେ



ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଇନଷ୍ଟାଗ୍ରାମରେ ସେୟାର ହୋଇଛି ଏହି ଭିଡିଓ। ଅମିତ ସୈନୀ ନାମକ ଏକ ଆକାଉଂଟରେ ଏକ ଷ୍ଟାଣ୍ଡ ଫ୍ୟାନକୁ କୁଲର ଭଳି ବ୍ୟବହାର କରାଯାଉଥିବାର ଭିଡିଓ ପୋଷ୍ଟ କରାଯାଇଛି। ଏକ ଷ୍ଟାଣ୍ଡ ଫ୍ୟାନରେ ବାଲଟି, ମୋଟର, ପାଇପ, ଡବା ଏବଂ କିଛି ସାମଗ୍ରୀକୁ ଯୋଡି ଏହାକୁ କୁଲର ଭଳି ଚାଲୁଥିବା ଦର୍ଶାଯାଇଛି। ଭିଡିଓର କ୍ୟାପସନରେ ଏହାକୁ ପ୍ରସ୍ତୁତ କରିବାର ପ୍ରଣାଳୀ ମଧ୍ୟ ପୋଷ୍ଟ କରାଯାଇଛି। ଭିଡିଓକୁ ଏପର୍ଯ୍ୟନ୍ତ ୮ ଲକ୍ଷରୁ ଅଧିକ ଲୋକ ଦେଖିସାରିଲେଣି। ୫ ଲକ୍ଷ ଲୋକ ଏହାକୁ ଲାଇକ୍ କରିଥିବାବେଳେ ୫ ଲକ୍ଷରୁ ଅଧିକ ଲୋକ ଏହାକୁ ସେୟାର କରିଛନ୍ତି। ହଜାର ହଜାର ଲୋକ ଏଥିରେ ପ୍ରତିକ୍ରିୟା ରଖି ଏହି ଉପାୟକୁ ପ୍ରଶଂସା କରୁଛନ୍ତି।

# ଫାଟ ଚର୍ଚ୍ଚାରେ ପଡ଼ିଲା ପୂର୍ଣ୍ଣଚ୍ଛେଦ

**ଅ**ଭିନେତ୍ରୀ ସୋନାକ୍ଷୀ ସିହ୍ନା ଆଗକୁ ବିବାହ କରିବାକୁ ଯାଉଛନ୍ତି। ଚର୍ଚ୍ଚା ହେଉଥିଲା ଯେ ସୋନାକ୍ଷୀଙ୍କ ବାହାଘରରେ ଖୁସି ନାହାନ୍ତି ତାଙ୍କ ପରିବାର ଲୋକ। ଏପରିକି ତାଙ୍କ ବିବାହ ଉତ୍ସବରେ ପରିବାର ଲୋକ ଉପସ୍ଥିତ ରହିବେ କି ନାହିଁ ସନ୍ଦେହ। ହେଲେ ଅଭିନେତ୍ରୀଙ୍କର ଏକ ପୋଷ୍ଟ ସେହି ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ପକେଇଛି। ସୋନାକ୍ଷୀ ଏକ ପୋଷ୍ଟରେ ବାପା ଶତ୍ରୁଘ୍ନଙ୍କର ଏକ ଫଟୋ ସେୟାର କରି ତାଙ୍କୁ ନମ୍ବର ୧ ବାପା ବୋଲି ସମ୍ବୋଧନ କରିଛନ୍ତି। ଏଥିରୁ ସ୍ପଷ୍ଟ ଯେ ବାପାଝିଅଙ୍କ ମଧ୍ୟରେ ସେପରି କିଛି ବିବାଦ ନାହିଁ। ନିକଟରେ ଶତ୍ରୁଘ୍ନଙ୍କୁ ଯେତେବେଳେ ଝିଅ ସୋନାଙ୍କ ବିଷୟରେ ପଚରାଗଲା ତ ସେ କହିଥିଲେ କି ବିବାହ ବିଷୟରେ ତାଙ୍କୁ କିଛି ଜଣା ନାହିଁ ଯଦି ସୋନାକ୍ଷୀ ତାଙ୍କୁ ଭରସା କରି କହିବେ ତ ସେ ଆଶୀର୍ବାଦ ଦେବେ। ଉଲ୍ଲେଖଯୋଗ୍ୟ, ସୋନାକ୍ଷୀ ତାଙ୍କର ଦୀର୍ଘ ଦିନର ପ୍ରେମିକ ଜହିର ଇକବାଲଙ୍କୁ ମେ ୨୩ ତାରିଖରେ ବିବାହ କରିବାକୁ ଯାଉଛନ୍ତି। ଏହାକୁ ଉଭୟ ସୋନା ଓ ଇକବାଲ୍ ଆନୁଷ୍ଠାନିକ ଭାବେ ଘୋଷଣା କରି ସାରିଛନ୍ତି। ସେମାନେ ସେମାନଙ୍କ ବାହାଘରକୁ ନାଲି ପୋଷାକ ପିନ୍ଧି ଯିବାକୁ ମନା କରିଛନ୍ତି। ସେମାନେ ମାଗାଜିନ୍ ଡିଜାଇନର ଏକ କାର୍ଡ କରି ସେଥିରେ 'ଗୁଜବ ସତ ହେଲା' ବୋଲି ଲେଖିଛନ୍ତି।



# ବିଶ୍ୱର ସବୁଠୁ ମହଙ୍ଗା ଲୁଣ, କିଲୋ ୩୫ ହଜାର

**ଦୈ**ନନ୍ଦିନ ଜୀବନରେ ଲୁଣର ଆବଶ୍ୟକତା ରହିଛି। ଯେକୌଣସି ଖାଦ୍ୟରେ ଲୁଣର ପରିମାଣ ଅଳ୍ପ ବେଶୀ ହୋଇଗଲେ ତାହା ଖାଦ୍ୟର ସ୍ୱାଦକୁ ବିଗାଡ଼ି ଦିଏ। ସାଧାରଣତଃ ବଜାରରେ ଗୋଟିଏ ଲୁଣ ପ୍ୟାକେଟ୍ ୨୦ କିମ୍ବା ୩୦ ଟଙ୍କାରେ ମିଳିଥାଏ । କିନ୍ତୁ, ଏପରି ଏକ ଲୁଣ ଅଛି, ଯାହା କିଲୋ ପିଛା ହଜାର ହଜାର ଟଙ୍କାରେ ବିକ୍ରି ହେଉଥିବା ଜଣାପଡ଼ିଛି। ଖାସ୍ ଏଥିପାଇଁ ଏହାକୁ ବିଶ୍ୱର ସବୁଠୁ ମହଙ୍ଗା ଲୁଣ ବୋଲି କୁହାଯାଉଛି। ତେବେ ଏହି ଲୁଣକୁ କିଣିବା ସବୁ ବର୍ଗର ଲୋକଙ୍କ ପକ୍ଷେ ସମ୍ଭବ ହୋଇନଥାଏ। କୋରିଆନ୍ ବାମ୍ବୁ ସଲଟକୁ ବିଶ୍ୱର ସବୁଠୁ ଦାମୀ ଲୁଣ ଭାବେ ଜଣାଯାଏ। ଏହାକୁ ପର୍ପଲ୍ ସଲ୍ଟ ବୋଲି ମଧ୍ୟ କୁହାଯାଏ। ଯୁଗ ଯୁଗରୁ, ଏହି ଲୁଣ କୋରିଆ ପାକ ସଂସ୍କୃତିର ଏକ ମହତ୍ୱପୂର୍ଣ୍ଣ ଅଂଶ ହୋଇଆସିଛି। ଏଥିରେ ଔଷଧୀୟ ଗୁଣ ରହିଥିବା ଯୋଗୁଁ ପାରମ୍ପରିକ କୋରିଆ ଔଷଧରେ ଏହାକୁ ବ୍ୟବହାର କରାଯାଉଥିଲା। ତେବେ ଏହି ଲୁଣର ୨୫୦ ଗ୍ରାମ୍ ପ୍ୟାକେଟ୍‌ର ମୂଲ୍ୟ ୭୦୦୦ ଟଙ୍କା ରହିଥିବାବେଳେ ଏକ କିଲୋର ମୂଲ୍ୟ ପାଖାପାଖି ୩୫୦୦୦ ଟଙ୍କା। ବାଉଁଶ ଲୁଣକୁ ତିଆରି କରିବା ପାଇଁ ପ୍ରଥମେ ଗୋଲ ଆକୃତିର କଟାଯାଇଥିବା ବାଉଁଶ ବ୍ୟାରେଲ୍ ଭିତରେ ସମୁଦ୍ର ଲୁଣ ଭରାଯାଏ ଏବଂ ତାକୁ ଉଚ୍ଚ ତାପମାତ୍ରାରେ ଭଜାଯାଇ ଲୁଣ ପ୍ରସ୍ତୁତ କରାଯାଏ। ବାଉଁଶ କେସ୍‌ରେ ଲୁଣ ରଖି ଭାଜିବା ଦ୍ୱାରା ବାଉଁଶରେ ରହିଥିବା ଖଣିଜ ପଦାର୍ଥ ଲୁଣ ସହିତ ମିଶିଯାଏ। ଯଦ୍ୱାରା ଏହି ଲୁଣ ଖଣିଜ ପଦାର୍ଥଯୁକ୍ତ ଲୁଣରେ ପରିଣତ ହୋଇଯାଏ। ଅନେକ ଥର ଭଜା ହେବା ଦ୍ୱାରା ଲୁଣର ରଙ୍ଗ ପରିବର୍ତ୍ତନ ହୁଏ। ଏହାପରେ ଏହି ଲୁଣ ଏକ ଦୃଢ଼ ପଥର ଆକୃତିକୁ ଚାଲିଆସେ। ଯାହାକୁ ଭାଙ୍ଗି ଗୁଣ୍ଡ କରି ବ୍ୟବହାର କରାଯାଏ। ତେବେ ଏହି ଲୁଣର ଦାମ୍ ଆକାଶଛୁଆଁ ହେବାର କାରଣ ହେଉଛି ଏହାକୁ ପ୍ରସ୍ତୁତ କରିବାରେ ଖର୍ଚ୍ଚ ହେଉଥିବା ଶ୍ରମ। ଯାହା ଏହାକୁ ମହଙ୍ଗା କରୁଛି। ବାଉଁଶ କେସ୍‌ରେ ସମୁଦ୍ର ଲୁଣ ଭରିବା ଠାରୁ ଆରମ୍ଭ କରି କଠିନ ଲୁଣ ଭାଙ୍ଗିବା ଏବଂ ଗୁଣ୍ଡ କରିବା ପର୍ଯ୍ୟନ୍ତ ସବୁ କିଛି ହାତରେ କରାଯାଏ। ଏହି ଲୁଣକୁ ଉଚ୍ଚ ତାପମାତ୍ରାରେ ୯ଥର ଭଜାଯାଏ। ଏହାକୁ ତିଆରି କରିବା ପାଇଁ ପ୍ରାୟ ୪୦ ରୁ ୫୦ ଦିନ ସମୟ ଲାଗିଥାଏ। କୋରିଆନ୍ ବାମ୍ବୁ ସଲଟକୁ ବିଶ୍ୱର ସବୁଠୁ ଶୁଦ୍ଧ ଲବଣ କୁହାଯାଏ। ଏଥିରେ ସମୁଦ୍ର ଲୁଣ ତୁଳନାରେ ଲୌହ, ପୋଟାସିୟମ୍ ଏବଂ କ୍ୟାଲସିୟମ୍ ଅଧିକ ମାତ୍ରାରେ ରହିଥାଏ।



୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Thursday August 14 | ଭୁବନେଶ୍ୱର ଗୁରୁବାର, ୧୪, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



## ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଏବଂ ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଦାବିରେ ଓଡିଶା ଶିଳ୍ପୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବୀପତ୍ର ପ୍ରଦାନ




ଭୁବନେଶ୍ୱର,(ପି.ଏନ): ପୂର୍ବ ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ । ଏହି ଯୋଜନା ଅଧୀନରେ ରାଜ୍ୟର ମାତ୍ର ୧୫୦୦ରୁ ପାଖାପାଖି ବରିଷ୍ଠ ବୁଣାକାର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି । ହେଲେ ପରିତାପର ବିଷୟ ଏଯାବତ ଜଣେ ହେଲେବି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇନାହାନ୍ତି । ଯୋଜନାରେ କିନ୍ତୁ କଳାକାରଙ୍କ ଭଳି ୪୦ ବର୍ଷର ମହିଳା ଓ ୫୦ ବର୍ଷର ପୁରୁଷ ବୁଣାକାର ଏବଂ ହସ୍ତଶିଳ୍ପୀ ଏହି ଯୋଜନାର ଲାଭାର୍ଥୀ ହୋଇପାରିବେ ବୋଲି ସରକାରୀ ନିୟମ ରହିଛି । ଠିକ ସେହିଭଳି ଓଡିଶା ଶିଳ୍ପୀ ମହାସଂଘର ପ୍ରଗାଢ ଉଦ୍ୟମ ବଳରେ ଗଠିତ ହୋଇଥିବା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ରାଜ୍ୟ ସରକାର ଗଠନ କରୁନାହାନ୍ତି । ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ରହିଥିବାବେଳେ ବୋର୍ଡ ଗଠନ ହୋଇନଥିବାରୁ ପରିଷଦ ବର୍ଷ ? ହେବ ନିଷ୍କ୍ରିୟ ହୋଇ ପଡିରହିଛି । ଇତି ମଧ୍ୟରେ ନୂତନ ସରକାରକୁ ବର୍ଷ ? ପୁରି ସାରିଥିବାବେଳେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ନିଦାବିଷ୍ଟୁ ସାଜିଛି । ଓଡିଶା ଶିଳ୍ପୀ ମହାସଂଘର ବାରଂବାର ଦାବୀ ସତ୍‌ୱେ ରାଜ୍ୟ ସରକାର ଆଦୌ କର୍ଣ୍ଣପାତ କରୁ ନାହାନ୍ତି । ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ଅବିଚାର ପ୍ରତିବାଦରେ କାରିଗର ବହୁଳ ସମସ୍ତ ଜିଲ୍ଲାରେ ଆନ୍ଦୋଳନ ଗଢି ତୋଳିବାକୁ ଓଡିଶା ଶିଳ୍ପୀ ମହାସଂଘ ନିଷ୍ପତି ନେଇଛି । ଏହି କ୍ରମରେ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା , ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଏବଂ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରର ବଜେଟକୁ ୫ହଜାର କୋଟି କରିବା ଦାବୀରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଆଜି ସମ୍ବଲପୁର ଜିଲ୍ଲାର ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ମହାସଂଘର ସ୍ମାରକ ପତ୍ରରେ ତିନି ଗୋଟି ଦାବୀ ରହିଛି । ଗୋଟିଏ ହେଲା ପୂର୍ବ ସରକାର ସମୟରୁ ଲାଗୁ କରା ଯାଇଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ମାସିକ ଆର୍ଥିକ ସହାୟତା ଯୋଜନାର ନିୟମାନୁଯାୟୀ ଯୋଗ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ଯଥାଶୀଘ୍ର ପ୍ରଦାନ କରିବା । ମାସିକ ସହାୟତା ରାଶିକୁ ଦୁଇ ହଜାରରୁ ବୃଦ୍ଧି କରି ପାଂଚ୍ ହଜାର କରିବା । ତତସହିତ କାରିଗରୀ ବା ବୁଣା କାମରେ ନିୟୋଜିତ ପରିବାରର ସମସ୍ତ ସଦସ୍ୟଙ୍କୁ ଏହି ଯୋଜନାରେ ସାମିଲ କରାଯାଉ । ସୂଚନା ଥାଉକି, ଏହି ଯୋଜନାରେ କଳାକାରଙ୍କ ଭଳି ୪୦ ବର୍ଷରୁ ଉର୍ଦ୍ଧ ମହିଳା ଓ ୫୦ ବର୍ଷରୁ ଉର୍ଦ୍ଧ ପୁରୁଷ ବୁଣାକାର ଏବଂ କାରିଗରଙ୍କୁ ମାସିକ ମାତ୍ର ୨ ହଜାର ଟଙ୍କା ମିଳିବାର ବ୍ୟବସ୍ଥା ରହିଛି । ସେହିଭଳି ୨୦୧୮ ମସିହା ମାର୍ଚ୍ଚ ୨୨ ତାରିଖରେ ଉଦଘାଟିତ ହୋଇଥିଲା ଓଡିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦ । ଯାହାର କାର୍ଯ୍ୟାଳୟ ଭୁବନେଶ୍ୱର ସ୍ଥିତ ଖଣ୍ଡଗିରି ନିକଟରେ ରହିଛି । ରାଜ୍ୟ ସରକାର ଓ କାରିଗର ଏବଂ ବୁଣାକାରଙ୍କ ମଧ୍ୟରେ ସଂପର୍କର ସେତୁ ଭାବେ କାର୍ଯ୍ୟ କରି ଆସୁଥିବା ଏହି ପରିଷଦର ପରିଚାଳନା ବୋର୍ଡ ଗଠନ କରାଯାଉନଥିବାରୁ ସଂପୂର୍ଣ୍ଣ ନିଷ୍କ୍ରିୟ ହୋଇ ପଡିଛି । ପରିଷଦର କାର୍ଯ୍ୟକାରୀ ବୋର୍ଡକୁ ପୁର୍ନଗଠନ ପୂର୍ବକ ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯାଉ । ସୁଚନା ଥାଉକି, ଏହି ପରିଷଦର ପରିଚାଳନା ବୋର୍ଡର ସଦସ୍ୟ ଭାବେ ରାଜ୍ୟର ବିଶିଷ୍ଟ ବୁଣାକାର ଓ କାରିଗର ରହିବେ ବୋଲି ବ୍ୟବସ୍ଥା ରହିଛି । ପୂର୍ବ ପାଳିରେ ନିପୁଣ ଶିଳ୍ପୀ /ବୁଣାକାରଙ୍କ ଦରମା ବୃଦ୍ଧି, ପ୍ରଶିକ୍ଷାର୍ଥୀଙ୍କ ଭତା ବୃଦ୍ଧି, ଦେଢଶହରୁ ଉର୍ଦ୍ଧ ହସ୍ତଶିଳ୍ପ ଗ୍ରାମ ବା ପୁଂଜର ଚିହ୍ନଟ ପାଇଁ ସାଇନ ବୋର୍ଡ ବ୍ୟବସ୍ଥା, ଶିଳ୍ପୀ ଓ ବୁଣାକାରଙ୍କ ପାଇଁ କର୍ମଶାଳା, ଉତ୍କଳିକା ମାଧ୍ୟମରେ ସାହାଣ ପଥର ଯୋଗାଣ ଓ ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ପ୍ରତିଷ୍ଠା ଆଦି ଅନେକ ନିଷ୍ପତି ନିଆଯାଇ ପାରିଥିଲା । ଦିନକୁ ଦିନ ରାଜ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସମସ୍ୟା ବଢି ଚାଲିଥିବାରୁ , ଏହି ବିକାଶ ପରିଷଦ ସକ୍ରିୟ ହେବା ଅତ୍ୟନ୍ତ ଜରୁରୀ ଅଟେ । ଉତ୍କର୍ଷ କଳାର ରାଜ୍ୟ ଆମ ଓଡିଶା । କୃଷି ପରେ ଏକ ପ୍ରମୁଖ ସ୍ୱାବଲମ୍ବୀ କ୍ଷେତ୍ର ଭାବେ ଦଶ ଲକ୍ଷରୁ ଉର୍ଦ୍ଧ ଲୋକ ଏହି ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ ନିୟୋଜିତ ଅଛନ୍ତି । ଓଡିଶା ଅସ୍ମିତାର ପରିଚୟ ଆମ ଶିଳ୍ପୀ ଓ ବୁଣାକାର ଜାତି ଆମ ପାରଂପାରିକ କଳାକାରିଗରୀକୁ ବଂଚାଇ ଆସିବା ସହ ଆମ ରାଜ୍ୟକୁ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛନ୍ତି । ରାଜ୍ୟ ସରକାର କାରିଗର ଓ ବୁଣାକାରଙ୍କ ପାଇଁ ଅନେକ ଯୋଜନା କରିଛନ୍ତି ସତ, ହେଲେ ଆନ୍ତରିକତା ଅଭାବରୁ ଏହି ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଁଚି ପାରୁନି । ପୂର୍ବ ସରକାର କରିଥିବା ଅନେକ ଯୋଜନା ଏବେର ସରକାର ଜାରି ରଖିଥିବାବେଳେ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ବୈମାତୃକ ଭାବକୁ ଓଡିଶା ଶିଳ୍ପୀ ମହାସଂଘ ଦୃଢ ନିନ୍ଦା କରିଛି । ଏହା ରାଜ୍ୟର ଲକ୍ଷ ଲକ୍ଷ କାରିଗର ଓ ବୁଣାକାରଙ୍କ ମନରେ ତୀବ୍ର ଅସନ୍ତୋଷ ଭରି ଦେଇଛି । ଆଜିର ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାର ଶହଶହ କାରିଗର ଓ ବୁଣାକାର ସାମିଲ ହୋଇଥିବାବେଳେ ଲକ୍ଷ୍ମୀ ଟକିଜ ଛକରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଯାଏଁ ଏକ ଶୋଭାଯାତ୍ରା ବାହାରିଥିଲା । ମହାସଂଘର ରାଜ୍ୟ ଉପ ସଭାପତି ସଂଜୟ ମୁଦୁଲି, ସମ୍ବଲପୁର ଜିଲ୍ଲା ସଭାପତି ବିଶ୍ୱ ରଣା, ସୁନାମଣି ରଣା, କ୍ଷୀରେଶ୍ୱର ରଣା, ବିନୋଦ ରଣା, ବଳବିନ୍ଦର କୁଅଁର ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ଲୋଭ ସାମାଜିକ ମୂଲ୍ୟବୋଧ ହ୍ରାସର ମୂଳ କାରଣ: ଜଷ୍ଟିସ୍ ଏନ୍ ଏସ୍ ହେଗ୍‌ଡେ




ଭୁବନେଶ୍ୱର,(ପି.ଏନ): ବର୍ତ୍ତମାନ ଯୁଗରେ ଲୋଭ ହିଁ ସାମାଜିକ ମୂଲ୍ୟବୋଧର ହ୍ରାସର ମୂଳ କାରଣ ବୋଲି ସ୍ୱନାମଧନ୍ୟ ଆଇନଜ୍ଞ, ସର୍ବୋଚ୍ଚ ନ୍ୟାୟାଳୟର ପୁର୍ବତନ ବିଚାରପତି ତଥା କର୍ଣ୍ଣାଟକ ପ୍ରାକ୍ତନ ଲୋକାୟୁକ୍ତ ଜଷ୍ଟିସ୍ ଏନ୍ ସନ୍ତୋଷ ହେଗ୍‌ଡେ କହିଛନ୍ତି । ଦୁଇ ଦିନିଆ କିଟ୍ ଓ କିସ୍ ପରିଦର୍ଶନରେ ଆସି ଜଷ୍ଟିସ୍ ହେଗ୍‌ଡ଼େ କିଟ୍‌ର ସମସ୍ତ କ୍ୟାମ୍ପସ୍ ଓ କିସ୍‌ର ସମସ୍ତ ୟୁନିଟ୍ ପରିଦର୍ଶନ କରିଥିଲେ । ଆଜି କିଟ୍ ଲ ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ 'ଫଲ୍ ଇନ୍ ସୋସିଆଲ୍ ଭ୍ୟାଲ୍ୟୁଜ୍ ଆଣ୍ଡ ଇଟ୍‌ସ କନସେକ୍ୟୁଏନ୍‌ସେସ୍' ଉପରେ ବକ୍ତବ୍ୟ ପ୍ରଦାନ କରି କହିଲେ, ନିଜ ଜୀବନକାଳ ମଧ୍ୟରେ ସେ ୧୮୬୧ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି କିନ୍ତୁ କିଟ୍ ଭଳି ଅନୁଷ୍ଠାନ କେଉଁଠି ଦେଖିନାହାନ୍ତି । ଏଠାକାର ଭିତ୍ତିଭୂମି, ପରିଚ୍ଛନ୍ନତା ଓ ପିଲାଙ୍କ ଶୃଙ୍ଖଳା ମୋତେ ବେଶ ସନ୍ତୋଷ ପ୍ରଦାନ କରିଛି ବୋଲି ସେ କହିଥିଲେ । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଦୂରଦୃଷ୍ଟିସମ୍ପନ୍ନ ପ୍ରୟାସକୁ ସେ ପ୍ରଶଂସା କରିବା ସହ ଶ୍ରୀ ସାମନ୍ତଙ୍କୁ ଗ୍ରୀକ୍ ଦର୍ଶନର ଆଟଲାସ୍ ସଦୃଶ ଅଭିହିତ କରିଥିଲେ । କିଟ୍ ଲ ସ୍କୁଲ୍ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ସେ କହିଲେ, ଲୋଭ ଏପରି ଏକ ରୋଗ ଯାହା ପାଇଁ କୌଣସି ଔଷଧ ନାହିଁ ଏବଂ ଏହା ଆମର ସାମାଜିକ ମୂଲ୍ୟବୋଧ ପତନର ମୂଳ କାରଣ । ଟଙ୍କା ଏବଂ କ୍ଷମତା ପଛରେ ପଡ଼ି ମଣିଷ କିଭଳି ନୈତିକ ଅଖଣ୍ଡତାକୁ କ୍ଷୁଣ୍ଣ କରିଛି ଏବଂ ସମାଜର ମୂଳଦୁଆକୁ ଦୁର୍ବଳ କରିଛି ସେ ସମ୍ପର୍କରେ କହିଥିଲେ । ମୂଲ୍ୟବୋଧର ଚାରିକାନ୍ଥ ମଧ୍ୟରେ ମହତ୍ୱାକାଂକ୍ଷା ମାନବବାଦରେ ଭିତ୍ତିଭୂମି ହେବା ଉଚିତ । ଛାତ୍ରଛାତ୍ରୀମାନେ ମହତ୍ୱାକାଂକ୍ଷା ପରିତ୍ୟାଗ ନ କରିବା ଉଚିତ ବୋଲି ଜଷ୍ଟିସ୍ ହେଗ୍‌ଡେ କହିଥିଲେ । ଯେଉଁମାନେ ଆପଣଙ୍କଠାରୁ କମ୍ ଧନୀ ସେମାନଙ୍କ ବିଷୟରେ ଭାବନ୍ତୁ । ଲୋଭ ମୁଦ୍ରାସ୍ଫୀତି ସୃଷ୍ଟି କରେ, ଟଙ୍କାର ମୂଲ୍ୟ ହ୍ରାସ କରେ ଏବଂ ସାମାଜିକ ଭାରସାମ୍ୟକୁ କ୍ଷୟ କରେ । ଶାନ୍ତିର ଅଭାବ ଆଜି ଆମ ସମାଜର ସବୁଠାରୁ ବଡ଼ ସମସ୍ୟା ମଧ୍ୟରୁ ଗୋଟିଏ ବୋଲି ସେ କହିଥିଲେ । ନିଜ ଅଭିଜ୍ଞତା ସମ୍ପର୍କରେ ଉଲ୍ଲେଖ କରି ସେ କହିଲେ, 'ମୁଁ ଅଗଣିତ ଲୋକଙ୍କୁ ଆମ ସମ୍ବିଧାନ ଅଧୀନରେ ସୁଶାସନ ସୁନିଶ୍ଚିତ କରିବା ପାଇଁ ଯନ୍ତ୍ରଣା ଭୋଗୁଥିବା ଦେଖିଛି । ସାମାଜିକ ମୂଲ୍ୟବୋଧ ଉପରେ ଆମର ସମୃଦ୍ଧ ପ୍ରମାଣ ସତ୍ତ୍ୱେ ସମାଜ ଆଜି ନ୍ୟାୟ ଏବଂ ନିଷ୍ପକ୍ଷତା ଅପେକ୍ଷା ଧନ ଏବଂ ପ୍ରଭାବକୁ ପ୍ରାଥମିକତା ଦିଏ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଲ ସ୍କୁଲର ପ୍ରଫେସର ଏମିରେଟସ୍ ଏନ. ଏଲ. ମିତ୍ର ଏବଂ ନିର୍ଦ୍ଦେଶକ ପ୍ରଫେସର ରୋଜ୍ ଭାର୍ଗିସ୍ ମଧ୍ୟ ବକ୍ତବ୍ୟ ରଖିଥିଲେ ।

## ରୟାଲ ଷ୍ଟାଗ ବୁମ ବକ୍ସ ପକ୍ଷରୁ ଆଧୁନିକ ମେଲୋଡି ଏବଂ ହିପ୍‌ହପ୍ ଗୀତ 'ମେବି'

କଟକ,(ପି.ଏନ) : ୟୁନିଭର୍ସାଲ ମ୍ୟୁଜିକ ଗ୍ରୁପ ସହିତ ମିଳିତ ଭାବରେ ବ୍ରାଣ୍ଡର ପ୍ରମୁଖ ସଙ୍ଗୀତ ଆଇପି, 'ରୟାଲ ଷ୍ଟାଗ ବୁମ ବକ୍ସ ଅରିଜିନାଲ୍ସ' ଅଧିନରେ ଏକ ନୂତନ ଲାଇନ ଅଫ ସହିତ ଫେରିଛି । 'ପେହଲେ ଜୈସୀ ବାତ ନହିଁ, ହୁଡି, ମୋହବତ ଏବଂ ଇମତିହାନ' ଭଳି ଟ୍ରାକ ସହିତ ସଫଳ ପ୍ରଦର୍ଶନ ପରେ, ଉକ୍ତ ପ୍ଲାଟଫର୍ମ ବର୍ତମାନ ଏହି ସିଜିନର ତୃତୀୟ ଅରିଜିନାଲ, ମେବି ର ଶୁଭାରମ୍ଭ ହୋଇଛି । ଯେଉଁଥିରେ ଅରମାନ ମଲିକ ଏବଂ ଇକ୍କାଙ୍କ ସହିତ ଏକ ଆକର୍ଷଣୀୟ ସଂଗୀତ ହୋଇପାରିଛି । ଗତ ତିନି ବର୍ଷ ମଧ୍ୟରେ ଅନେକ ଦର୍ଶକଙ୍କୁ ଆକର୍ଷିତ କରିବା ପରେ, ରୟାଲ ଷ୍ଟାଗ ବୁମବକ୍ସ ଏହାର ଦ୍ୱିତୀୟ ସିଜନ ବୁମ ବକ୍ସ ସହିତ ଫେର ଆସିଛି ଏବଂ ସାଉଣ୍ଡଟ୍ରାକ ଯାହା ବ୍ରାଣ୍ଡର ଲିଭିଂ ଇଟ ଲାର୍ଜ ଭାବନାକୁ ପାଳନ କରେ ।

ଉକ୍ତ ସଂଗୀତ ସମ୍ପର୍କରେ ଗାୟକ ଅରମାନ ମଲିକ କହିଛନ୍ତି ଯେ, 'ମେବି ଏକ ଗୀତ ଯାହା ପ୍ରକୃତରେ ହୃଦୟରୁ ଆସେ - ଏହା ସଙ୍କୋଚ, ଆବେଗିକ ଏବଂ ପ୍ରେମରେ ଅନିଶ୍ଚତତାର ସେହି ଭାବନାକୁ ସୂଚିତ କରେ ।' ରାପର ଇକ୍କା ଏହି ସହଯୋଗ ବିଷୟରେ ନିଜର ମତାମତ ପ୍ରଦାନ କରି କହିଛନ୍ତି ଯେ, ' ମେବି କେବଳ ଏକ ପ୍ରେମ ଗୀତ ନୁହେଁ - ଏହା ଏକ ପରିବେଶ, ଆମେ ସମସ୍ତେ କିପରି ଭଲ ସମୟକୁ ଆଉ ଟିକିଏ ଅଧିକ ସମୟ ଧରି ରଖିବାକୁ ଚାହୁଁଛୁ ତାହାର ଏକ ପ୍ରତିଫଳନ । ରୟାଲ ଷ୍ଟାଗ ବୁମ ବକ୍ସ ଏକ ସ୍ଥାନ ସୃଷ୍ଟି କରିଛି ଯେଉଁଠାରେ କଳାକାରମାନେ ପ୍ରକୃତରେ ପରୀକ୍ଷଣ କରିପାରିବେ ଏବଂ ନିଜକୁ ପ୍ରକାଶ କରିପାରିବେ ।'

ପର୍ନୋଡ ରିକାର୍ଡ ଇଣ୍ଡଆର ମୁଖ୍ୟ ମାର୍କେଟିଂ ଅଧିକାରୀ ଏବଂ ଗ୍ଲୋବାଲ ବିଜନେସ ଡେଭଲପମେଂଟ ହେଡ, କାର୍ତିକ ମୋହିନ୍ଦ୍ର କହିଛନ୍ତି ଯେ, ' ରୟାଲ ଷ୍ଟାଗକୁ ବୁମ ବକ୍ସ ଅରିଜିନାଲ୍ସ ସହିତ ଆମେ ରୋମାଂଚକର ନୂତନ ସଂଗୀତ ସହିତ ଅଭିଜ୍ଞତାକୁ ଉନ୍ନତ କରିବାକୁ ପ୍ରସ୍ତୁତ । ହିପ-ହପର ସ୍ପନ୍ଦନଶୀଳ ବିଟ ସହିତ ବଲିଉଡର ସ୍ୱରକୁ ମିଶ୍ରଣ କରି, ଲିଭିଂ ଇଟ ଲାର୍ଜର ବ୍ରାଣ୍ଡ ଦର୍ଶନକୁ ପ୍ରକୃତରେ ଉପସ୍ଥାପିତ କରିଥାଏ ।' ଏ ସଂପର୍କରେ ମତ ଦେଇ ପ୍ରୀତି ନାୟାର, ଏସଭିପି ଏବଂ ବିଜେନସ ହେଡ - ଭାରତ ଏବଂ ଦକ୍ଷିଣ ଏସିଆ, ୟୁଏମଜି ଫର ବ୍ରାଣ୍ଡସ କହିଛନ୍ତି ଯେ, 'ରୟାଲ ଷ୍ଟାଗ ବୁମବକ୍ସ ହେଉଛି ସାହାସିକ ଅଭିବ୍ୟକ୍ତ ଏବଂ ପରିଚିତ ସୋନିକରୁ ନୂତନ ଆବିଷ୍କାର କରିବା ପାଇଁ ଏକ ଅଭିନବ ସୃଜନଶୀଳତାକୁ ଦର୍ଶାଇଥାଏ ।' ନିଖିତା ଗାନ୍ଧୀ ଏବଂ ଡିନୋ ଜେମ୍ସଙ୍କ ଦ୍ୱାରା ଲିଖିତ ସାଇ ଏବଂ ନୀତି ମୋହନ, ପାନ୍ଥର ଏବଂ ରାଭାଟୋରଙ୍କ ଦ୍ୱାରା ଲିଖିତ ସଜନା ମେରାର ସଫଳତା ପରେ , ସିଜିନର ତୃତୀୟ ଏବଂ ଶେଷ ଟ୍ରାକ - ମେବି, ଏବେ ୟୁଟ୍ୟୁବ, ସୋସିଆଲ ମିଡିଆ ଏବଂ ସମସ୍ତ ପ୍ରମୁଖ ଅଡିଓ ପ୍ଲାଟ ଫର୍ମରେ ଲାଇଭ ହେଉଛି । ରୟାଲ ଷ୍ଟାଗ ଲାଇଭ ଇଟ ଲାର୍ଜ ୟୁଟ୍ୟୁବ ଚ୍ୟାନେଲରେ 'ମେବି' ଦେଖନ୍ତୁ https://www.youtube.com/watch?v=JXIL5GOq୨୪ଗ

## ଗୋଲାମୁଣ୍ଡା ବ୍ଲକ ରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ



ଗୋଲାମୁଣ୍ଡା( ପି ଏନ): କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ଗୋଲାମୁଣ୍ଡା ବ୍ଲକ ଠାରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଛି । ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷ ଶ୍ରୀମାନ ବିନ୍ଦୁ ମହାନନ୍ଦ ଙ୍କ ନେତୃତ୍ୱରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ସ୍ୱତନ୍ତ୍ର ବିଭାଗୀୟ ଡାକ୍ତରୀ ଦଳ ଆସି ଉକ୍ତ ଶିବିରରେ ଗୋଲାମୁଣ୍ଡା ବ୍ଲକ ଅଞ୍ଚଳର ଆସିଥିବା କୋଣ ଅନୁକୋଣ ସରକାରୀ ରେଜିଷ୍ଟି ଭୁକ୍ତ ଭିନ୍ନକ୍ଷମ ବ୍ୟକ୍ତିଙ୍କ ଚିକିତ୍ସା ସାଙ୍ଗକୁ ନୂତନ ଭିନ୍ନକ୍ଷମ ଚିହ୍ନଟ କରି ତାଙ୍କ ଭବିଷ୍ୟତରେ ଦୁଃଖ ସୁଖର ମହାନ ବ୍ୟକ୍ତି ଶ୍ରୀମାନ ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦ ମହାନତା ସହିତ ସରକାରଙ୍କ ଅନେକ ସୁବିଧା ପାଇବା ପାଇଁ କାର୍ଯ୍ୟକ୍ରମଟିର ବ୍ୟବସ୍ଥା କରିଥିବାର ଦେଖିବାକୁ ମିଳିଥିଲା । ଉକ୍ତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିପୁରା ମହାନନ୍ଦ, ତହସିଲଦାର ଚନ୍ଦନ କୁମାର ନାଏକ, ଏସ ଏସ ଓ ଦୀପକ ବେହେରା,ବି ଏସ ଏସ ଓ ଚନ୍ଦ୍ର ହାସ୍ୟ ବିହାରୀ, ବରିଷ୍ଠ ସାମ୍ବାଦିକ ରାମ କୁମାର ସେନାପତି, ଦାମୋଦର ଦାସ, ବରିଷ୍ଠ ସମାଜ ସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ଜିଲ୍ଲା ଏ ଏସ ଏସ ଓ ଅଧିକାରୀ ଡୋଳାମଣି ପ୍ରଧାନ, ଜାତୀୟ ଏ ଏସ ଏସ ଚନ୍ଦ୍ରଶେଖର ମୁଣ୍ଡ ମଞ୍ଚାସିନ ଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ତଥା ଜନ କଲ୍ୟାଣ ସାମ୍ବାଦିକ ସଂଘରୁ ଯନ୍‌ମେ ଜୟ ନାଏକ, ସରୋଜ କୁମାର ମୁଣ୍ଡ, ସନ୍ତୋଷ କୁମାର ମାଝୀ, ପୀତାମ୍ବର ବେହେରା, କପୁରଚନ୍ଦ ସେଠୀଆ, ପ୍ରଭାକର ବଗର୍ତ୍ତୀ, ହିମାଂଶୁ ଭୋଇ, ଭୃଜରାଜ ମଙ୍ଗରାଜ ଓ ପୂର୍ଣ୍ଣଚନ୍ଦ୍ର ସରାଫ ପ୍ରମୁଖ ସହଯୋଗ କରିଥିଲେ । ସର୍ବ ପ୍ରଥମେ ଭୀମ ଭୋଇ ଙ୍କ ଫଟୋ ଚିତ୍ରରେ ବ୍ଲକ ଅଧକ୍ଷ ଧୂପ,ଦୀପ ପ୍ରଜଳନକରି ଥିବା ବେଳେ ବନିତା ଘରିଆଙ୍କ ହୁଳହୁଳୀରେ କମ୍ପିତ ହୋଇ ଥିଲା, ଓ ବସ ପାସ ଅଶି ଜଣଙ୍କ ପ୍ରସ୍ତୁତ ହୋଇ ଥିବା ବେଳେ ମଞ୍ଚରେ ପଞ୍ଚ ଜଣଙ୍କୁ ପ୍ରଦାନ କରିଥିଲେ,ଏହି କାର୍ଯ୍ୟକ୍ରମଟିକୁ ଗୋଲାମୁଣ୍ଡା ଏ ବି ଡି ଓ ବିଜୟ କୁମାର ନାଏକ ସୁନ୍ଦର ଭାବେ ପରିଚାଳନା କରିଥିଲା । ସମାଜ ସେବୀ ଶ୍ୟାମ ସୁନ୍ଦର ଅଗ୍ରୱାଲ ଭିନ୍ନ କ୍ଷମ ଭାଇ ଭଉଣୀ ମାଁ ବାପା ସମସ୍ତ ଉପସ୍ଥିତ ଥିବା ଶତାଧିକ ଲୋକ ଙ୍କୁ ଜଳ ପାନ ବ୍ୟବସ୍ଥା କରି ସେମାନଙ୍କୁ ଖୁସି କରି ଥିଲେ ତାଙ୍କ ପାଖରେ ସଦା ସର୍ବଦା ଏପରି ସହ ଯୋଗ ଦେଇ ଥିବାରୁ ତାଙ୍କୁ ପ୍ରଶାସନ ପକ୍ଷରୁ ଧନ୍ୟବାଦ ଦେଇ ଥିବା ଅଞ୍ଚଳ ବାସି ଙ୍କ ପାଖରେ ଭୂରି ଭୂରି ପ୍ରଶଂସା କରିବାକୁ ଲାଗିଲେ ।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray